**The Samaja**
**Date: 26.11.2018**

# ଆଇଆଇଟିରେ ସମ୍ବିଧାନ ଦିବସ




ଜଟଣୀ, ୨୬।୧୧ (ନି.ପ୍ର): ଆଇଆଇଟି ପରିସରରେ ସୋମବାର ଅପରାହ୍ନରେ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି.ଆର.ଅମ୍ବେଦକରଙ୍କ ୧୨୫ ତମ ଜୟନ୍ତୀ ତଥା ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ସ୍ଥିତ ଆଇଜରର ନିର୍ଦ୍ଦେଶକ କେ.ଭି.ରମଣାଚାରୀ ମୁଖ୍ୟ ଅତିଥି ଏବଂ ରାଜ୍ୟ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଶଶିକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାଧୀନତା ଏବଂ ନ୍ୟାୟ ପ୍ରଦାନ କରିବା ସମ୍ବିଧାନର ମୂଳ ଲକ୍ଷ୍ୟ। ସମ୍ବିଧାନ, ଲୋକଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଉପରେ ଅତିଥି ଗୁରୁତ୍ୱାରୋପ କରିଥିଲେ। ବୈଷୟିକ ଛାତ୍ରଛାତ୍ରୀ ବୈଷୟିକ ଶିକ୍ଷା ସହ ସମ୍ବିଧାନ ପାଠ କରିବାକୁ ଆଇଆଇଟିର ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ।

ଆଇଆଇଟିର ରେଜିଷ୍ଟ୍ରାର ଦେବରାଜ ରଥ ଧନ୍ୟବାଦ ଦେଇଥିଲେ।